# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 March - 2024**

**News Editor : Tapan Kumar Moharana**

*******************************

## ମୁଖ୍ୟ ସମ୍ବାଦ

- ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସମ୍ପର୍କରେ ସୂଚନା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଛି 'ଆପଣଙ୍କ ପ୍ରାର୍ଥୀ ବାଛନ୍ତୁ' ମୋବାଇଲ୍ ଆପ୍
- ପାରାଦ୍ୱୀପ ସମୁଦ୍ରରେ ବ୍ଲାକ୍ ରୋଜ୍ ବୁଡ଼ି ମାମଲାରେ ଓଡ଼ିଶା ହାଇକୋର୍ଟରେ ସିବିଆଇର ସତ୍ୟପାଠ ଦାଖଲ
- ଦେଶରେ ବିଗତ ୧୦ ବର୍ଷ ମଧ୍ୟରେ କିରୋସିନ୍ ବ୍ୟବହାର ୨୬ ପ୍ରତିଶତ ହ୍ରାସ ପାଇଥିବା ନେଇ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସୂଚନା

ଏବଂ

- ରାଜ୍ୟର ୨୪ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ  ରହିବା ନେଇ ପାଣିପାଗ କେନ୍ଦ୍ରର ସୂଚନା;

— ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

## ଆପଣଙ୍କ ପ୍ରାର୍ଥୀଙ୍କୁ ବାଛନ୍ତୁ ଆପ୍

ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ମାମଲା ବିଷୟରେ ସୂଚନା ଦେବାପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ 'ଆପଣଙ୍କ ପ୍ରାର୍ଥୀଙ୍କୁ ବାଛନ୍ତୁ' ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ସ୍ମାର୍ଟ ଫୋନ୍ ଜରିଆରେ ଉପଲବ୍ଧ ହୋଇପାରିବ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ, ନାମାଙ୍କନ ସ୍ଥିତି ଏବଂ ସତ୍ୟପାଠ ସମ୍ପୂର୍ଣ୍ଣ ତାଲିକା- ପ୍ରାର୍ଥୀ ଏଫିଡେଭିଟ୍ ପୋର୍ଟାଲ୍ **Affidavit.eci.gov.in** ମାଧ୍ୟମରେ ଭୋଟରମାନେ ପାଇପାରିବେ। ରାଜ୍ୟରେ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୩୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହିତ ୨୧ ଜଣ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ୨୯୪ ଜଣ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିଯୁକ୍ତି ସହିତ ତାଲିମ୍ ଦିଆଯାଇଛି। ମତଦାନ କେନ୍ଦ୍ରରେ ୨ ଲକ୍ଷ ୭୦ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ପ୍ରତ୍ୟେକ ମତଦାନ କେନ୍ଦ୍ର ଜଣେ ପ୍ରିଜାଇଡିଂ ଅଧିକାରୀ ଏବଂ ୫ ଜଣ ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ।

## ବ୍ଲାକ୍‌ରୋଜ-ସିବିଆଇ ସତ୍ୟପାଠ

ପାରାଦ୍ୱୀପ ସମୁଦ୍ରରେ ବ୍ଲାକ୍‌ରୋଜ ଜାହାଜ ବୁଡ଼ି ମାମଲାରେ ସିବିଆଇ ତରଫରୁ ଆଜି ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ତଦନ୍ତ ପାଇଁ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ

୨ଥର ଅନୁରୋଧ କରାଯାଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି।

## ବୁଥ୍ ସ୍ତରୀୟ ଅଧିକାରୀ-ମାସ୍କଟ

ଓଡ଼ିଶାର ନିର୍ବାଚନ ସମ୍ବନ୍ଧୀୟ ବୁଥ୍ ସ୍ତରୀୟ ଅଧିକାରୀ-ବିଏଲ୍ଓ ମାସ୍କଟ ମିତା ଦିଦିଙ୍କୁ ନିର୍ବାଚନ କମିଶନ ନିଜର ବିଏଲ୍ଓ ପତ୍ରିକାରେ ସ୍ଥାନିତ କରିଛନ୍ତି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ବିଏଲ୍ଓ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବୁଥ୍ସ୍ତରୀୟ ଅଧିକାରୀମାନେ ଭୋଟର ତାଲିକାରେ ସଂଶୋଧନ ଏବଂ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି । ଗଣତନ୍ତ୍ରକୁ ତୃଣମୂଳକ ସ୍ତରରୁ ଶକ୍ତିଶାଳୀ କରିବାରେ ସେମାନଙ୍କ ଦାୟିତ୍ୱକୁ ପ୍ରଶଂସା କରି ଶ୍ରୀ ଧଳ କହିଛନ୍ତି ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍ସ୍ତରୀୟ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବେ ।

## ସାମ୍ବାଦିକ ସମ୍ମିଳନୀ-ନୟାଗଡ଼

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ସ୍ୱାଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି। ନିର୍ବାଚନ ସୂଚୀ ଅନୁସାରେ ନୟାଗଡ଼ ଜିଲ୍ଲାରେ ୨ଟି ପର୍ଯ୍ୟାୟରେ ମତଦାନ ହେବ। ମେ' ୨୦ରେ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏବଂ ମେ' ୨୫ରେ ନୟାଗଡ଼, ଖଣ୍ଡପଡ଼ା ଓ ରଣପୁର ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ ହେବ। ଦଶପଲ୍ଲା ନିର୍ବାଚନମଣ୍ଡଳୀର ୧ ଲକ୍ଷ ୮୯ ହଜାର ୭୩୬ ଭୋଟରଙ୍କ ପାଇଁ ୨୩୪ଟି ବୁଥ୍ କରାଯାଇଛି। ସେହପରି ନୟାଗଡ଼

ନିର୍ବାଚନମଣ୍ଡଳୀର ୨ ଲକ୍ଷ ୨୦ ହଜାର ୮୪୧ ଭୋଟରଙ୍କ ପାଇଁ ୨୪୬ଟି ବୁଥ୍, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୧ ଲକ୍ଷ ୮୪ ହଜାର ୫୨୬ ଭୋଟରଙ୍କ ପାଇଁ ୨୧୭ଟି ବୁଥ୍ ଏବଂ ରଣପୁର ନିର୍ବାଚନମଣ୍ଡଳୀର ୨ ଲକ୍ଷ ୭ ହଜାର ୬୯୯ଭୋଟରଙ୍କ ପାଇଁ ୨୪୦ଟି ବୁଥ୍ର ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ମତଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିବା ସହିତ ସାମ୍ବାଦିକମାନଙ୍କର ସହଯୋଗ ଲୋଡିଥିଲେ।

## କଟକ ନିର୍ବାଚନମଣ୍ଡଳୀ

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ କଟକ ଜିଲ୍ଲାରେ ୬୦ ପ୍ରତିଶତ ବୁଥ୍ରେ ଓ୍ୱେବ୍କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ବୁଥ୍ଗୁଡ଼ିକରେ ସିସିଟିଭି ଲଗାଯିବା ସହିତ ଲାଇଭ୍ ଅବଜରଭରମାନଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନେଇ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଏଥିସହିତ ଟୋଲ୍ଫ୍ରି ନମ୍ବର ୧୯୫୦ କିମ୍ବା ସି.ଭିଜିଲ୍ ଆପ୍ ମାଧ୍ୟମରେ ଜନସାଧାରଣଙ୍କୁ ଅନିୟମିତତା ସମ୍ପର୍କିତ ଅଭିଯୋଗ କରିବା ପାଇଁ କୁହାଯାଇଛି ବୋଲି କଟକ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍ କହିଛନ୍ତି। ସୂଚନା ଅନୁସାରେ ମେ’ ମାସ ୨୫ ତାରିଖ ଓ ଜୁନ୍ ମାସ ୧ ତାରିଖରେ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲ୍ଲାର ୩ଟି ସଂସଦୀୟ ନିର୍ବାଚନମଣ୍ଡଳୀ ଅଧୀନରେ ୯ଟି ବିଧାନସଭା କ୍ଷେତ୍ର ରହିଛି। କଟକ ଜିଲ୍ଲାରେ ମୋଟ୍ ୨୧ ଲକ୍ଷ ୪୧ ହଜାର ୯୦୪ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ୪୧ ହଜାର ୬୧୯ ଜଣ ମହିଳା ଭୋଟର ଅଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

କଟକ ଜିଲ୍ଲାରେ ପ୍ରଥମ ଥର ୪୫ ହଜାର ୨୧୮ ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି। ସେହିଭଳି ୧୦୦ ବର୍ଷରୁ ଅଧିକ ୮୨୯ ଜଣ ଭୋଟର ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ-ଓଡ଼ିଶା ଗସ୍ତ

ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ନବରଙ୍ଗପୁର ଜିଲ୍ଲା ଉମରକୋଟରେ ପହଞ୍ଚିଛନ୍ତି। ବିକଶିତ ଭାରତ ଗଠନ ନେଇ ଜନ ପରାମର୍ଶ ଓ ଜନ ସହଯୋଗ ପାଇଁ ସେ ବିଭିନ୍ନ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କିରୋସିନ୍ ବ୍ୟବହାର

ଦେଶରେ କିରୋସିନ୍ ବ୍ୟବହାର ୨୦୧୩-୧୪ ଆର୍ଥିକବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକବର୍ଷ ଶେଷ ବେଳକୁ ୨୬ ପ୍ରତିଶତ କମିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟରୁ ଜଣାପଡିଛି। ଶକ୍ତି ପରିସଂଖ୍ୟାନ ଭାରତ-୨୦୨୪ ଶକ୍ତିନୀତିର ପ୍ରଭାବ ଯୋଗୁଁ କିରୋସିନ୍ ବ୍ୟବହାର କମିଥିବା କୁହାଯାଇଛି। ସମସ୍ତ ପେଟ୍ରୋଲଜାତ ଦ୍ରବ୍ୟ ମଧ୍ୟରେ ସର୍ବାଧିକ ଡିଜେଲ୍ ବ୍ୟବହାର ବୃଦ୍ଧି ପାଇଥିଲା। ମୋଟ୍ ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟ ମଧ୍ୟରୁ ଡିଜେଲ୍ ବ୍ୟବହାର ପାଖାପାଖି ସାଢ଼େ ୩୮ ପ୍ରତିଶତ ଥିଲା ବୋଲି ଏହି ତଥ୍ୟରୁ ଜଣାପଡିଛି।

## ମହାବଳ ବାଘ-ଓଡ଼ିଶା

ସୁନ୍ଦରଗଡ ଜଙ୍ଗଲକୁ ମଧ୍ୟପ୍ରଦେଶରେ ଏକ ମହାବଳ ବାଘ ଚାଲି ଆସିଥିବା ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ କହିଛନ୍ତି । ରାଜ୍ୟ ମୁଖ୍ୟ

ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ମଧ୍ୟ ସାମାଜିକ ଗଣମାଧମରେ ମଧ୍ୟପ୍ରଦେଶ ଜଙ୍ଗଲରୁ ମହାବଳ ବାଘଟି ଓଡ଼ିଶା ଜଙ୍ଗଲକୁ ଚାଲି ଆସିଥିବା ନେଇ ସ୍ୱଷ୍ଟ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ମଧ୍ୟପ୍ରଦେଶର ସଞ୍ଜୟ ଡୁବ୍ରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ମହାବଳ ବାଘଟି ପାଖାପାଖି ୧ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶା ଆସିଥିବା କୁହାଯାଇଛି । ସୂଚନାଯୋଗ୍ୟ ଓଡ଼ିଶାରେ ବର୍ତ୍ତମାନ ୩୦ଟି ବାଘ ଅଛନ୍ତି । ଏମାନଙ୍କ ମଧ୍ୟରେ ୮ଟି ବାଘ ଛୁଆ ଥିବା ବନ୍ୟପ୍ରାଣୀ ସଂରକ୍ଷକ କହିଛନ୍ତି ।

## ଶ୍ରୀଜୀଉଙ୍କ ସୁନାବେଶ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ଦୋଳପୂର୍ଣ୍ଣମୀ ଦିନ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଛତିଶା ନିଯୋଗ ବୈଠକରେ ଆଲୋଚନା କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୋଳପୂର୍ଣ୍ଣିମା ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ ସହିତ ପୂର୍ଣ୍ଣମୀ ଦିନ ସକାଳ ୮ଟାରୁ ୯ଟା ମଧ୍ୟରେ ଠାକୁରମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବାପାଇଁ ପ୍ରସ୍ତୁତି କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା ।

## କୃଷି ଷ୍ଟାର୍ଟଅପ୍

କୃଷି କ୍ଷେତ୍ରର ଷ୍ଟାର୍ଟଅପ୍ ଓ ଗ୍ରାମୀଣ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଲାଗି ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ୧୦୦ କୋଟି ଟଙ୍କାର ପାଣ୍ଠି ଗଠନ କରିବ ।

ପାଣ୍ଠି ଅଭାବ ଯୋଗୁଁ କୃଷି କ୍ଷେତ୍ରରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଏହି ପାଣ୍ଠିରୁ ଟଙ୍କା ପ୍ରଦାନ କରାଯିବ। ନାବାର୍ଡର ସୂଚନା ଅନୁସାରେ, କୃଷି ଏବଂ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଲାଗି ୨୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି।

## ଆଇସିଏମ୍‌ଆଇ-ଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର କଷ୍ଟ ଆକାଉଣ୍ଟାଟ ଅଫ୍ ଇଣ୍ଡିଆ ଶାଖାକୁ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନଜନକ 'ସର୍ବଶ୍ରେଷ୍ଠ ଚାପ୍ଟର୍ସ ପୁରସ୍କାର' ମିଳିଛି। ଇନ୍ଦୋରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇ.ସି.ଏମ୍.ଏ.ଆଇ. କ୍ରମାଗତ ଭାବେ ୨୩ଥର ପାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି।

# ପାଣିପାଗ

କାଳବୈଶାଖୀର ପ୍ରଭାବରେ ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ, ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ଝଡ଼ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ ଓ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ଖୁବ୍ ଜୋର୍‌ରେ ପବନ ବହିବା ସହିତ ଝଡ଼ବର୍ଷାର ସମ୍ଭାବନା ଅଛି । ୨୪ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ରହିବ ଏବଂ

ଆସନ୍ତାକାଲି ରାଜ୍ୟର ଉପକୂଳ ଏବଂ ଦକ୍ଷିଣ ଭାଗରେ ଏହାର ପ୍ରଭାବ ଅଧିକ ରହିବ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। କାଳବୈଶାଖୀର ପ୍ରଭାବରେ ଯେଉଁଠାରେ କ୍ଷୟକ୍ଷତି ଘଟିବ, ତୁରନ୍ତ ତାହାର ରିପୋର୍ଟ ସରକାରଙ୍କୁ ଦେବାପାଇଁ କୁହାଯାଇଛି।

ଗତ ୩୬ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଖଜୁରୀପଦାଠାରେ ୪୨ ମିଲିମିଟର ବର୍ଷା ହୋଇଥିଲା । କାଳବୈଶାଖୀର ପ୍ରଭାବ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । କଟକ, ଢେଙ୍କାନାଳ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । କଟକ-ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ଘଡଘଡି  ସହ ବର୍ଷା ଲାଗି ରହିଛି।

**********************************